ଧରିତ୍ରୀ
DHARITRI
ରବିବାର, ୩ ଅକ୍ଟୋବର, ୨୦୨୧

**ପୌରପାଳିକା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ**

ଜୟପୁର (ନି ପ୍ର) ଜୟପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର କରାଯାଇଛି। ଆଜାଦୀର ଅମୃତ ମହୋତ୍ସବ ସପ୍ତାହ ପାଳନ ଅବସରରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଉପ ଜିଲାପାଳ ହେମକାନ୍ତ ସାୟ ଉଦଘାନ କରିଥିଲେ। କାର୍ଯ୍ୟକ୍ରମରେ ପୌର ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ପୌର କର୍ମଚାରୀ, ଅଙ୍ଗନୱାଡ଼ୀ କର୍ମୀ, ଆଶାକର୍ମୀ ସାମିଲ ହୋଇଥିଲେ। ପ୍ରଥପ୍ରାନ୍ତ ନାଟକ ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି।



# ‘ବାପୁ, ଶାସ୍ତ୍ରୀଙ୍କ ଆଦର୍ଶ ମାନି ଆଗକୁ ବଢ଼’

**ନବରଙ୍ଗପୁର,୨।୧୦(ବି.ପ୍ର.)**

ନବରଙ୍ଗପୁର ଜିଲାରେ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜିଲାସ୍ତରୀୟ ଆଜାଦି କା ଅମୃତ ମହୋତ୍ସବ ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ନେହେରୁ ଯୁବକେନ୍ଦ୍ର ଆନୁକୁଲ୍ୟରେ ପାଳିତ ହୋଇଛି। ଫିଟ୍ ଇଣ୍ଡିଆ ୨.୦ର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଫିଟ୍ ଇଣ୍ଡିଆ ଫ୍ରିଡମ ରନ ଅଭିଯାନ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ ଲୋକଙ୍କୁ ଫିଟ୍ ରହିବାକୁ ଶପଥପାଠ କରାଇବା ସହ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ବିଦ୍ୟାର୍ଥୀ, ଏନ୍ଏସ୍ଏସ୍ କ୍ୟାଡେଟ, ନେହେରୁ ଯୁବ କେନ୍ଦ୍ର ସାମାଜିକ କର୍ମୀମାନେ ଏଥିରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ପରେ ସହର ମଧ୍ୟରେ ଥିବା ଜାତିର ପିତା ମାହତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଯାଇଛି। ସେମାନଙ୍କ ଆଦର୍ଶ ମାନି ଆଗକୁ ବଢିବାକୁ ପରାମର୍ଶ ଦଦେଇଥିଲେ ଅତିଥି। ଜିଲାସ୍ତରୀୟ ଏକ ପଲ୍ଲୀସଭା ମାଳିଗୁଡ଼ାରେ ଅନୁଷ୍ଠିତ ହୋଇଛି। ବ୍ୟକ୍ତିଗତ ପାଇଖାନା ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏଥିରେ ଆଲୋଚନା ହୋଇଛି। ଏହି କାର୍ଯ୍ୟ କ୍ରମରେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ସିଡିଏମ୍ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ଅତିରିକ୍ତ ଥାନାଧିକାରୀ ପ୍ରମିଳା ବିଡିକା, ଜିଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଡିଆର୍ଡିଏ ପିଡି ରତ୍ନାକର ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମସ୍ତେ ଶପଥ ନେଉଛନ୍ତି।

**ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ**

## ସଂକ୍ଷେପରେ...

### ଭାଲୁ କାମୁଡ଼ାରେ ଜଣେ ଗୁରୁତର

ପାପଡ଼ାହାଣ୍ଡି/ମଇଦଲପୁର, ୨।୧୦ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲିର ଉଗ୍ରେ ନାୟକ (୪୦) ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ମଇଦଲପୁର ଓ ପରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଉଗ୍ରେ ଗାଁରୁ ୩ କି.ମି. ଦୂର ଜଙ୍ଗଲ ନିକଟରେ ଥିବା ନିଜ ମକାବାଡ଼କୁ ଯାଇଥଲେ। ହଠାତ୍ ପଛପଟୁ ତିନୋଟି ଭାଲୁ ଆସି ଉଗ୍ରେଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବାମଗୋଡ଼କୁ ଭାଲୁଟି କାମୁଡ଼ି ଦେଇଛି। ଏଥିସହ ତାଙ୍କ ଛାତି ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ପାଟି ଶୁଣି ପାଖ ଜଙ୍ଗଲରେ ଥିବା କେତେଜଣ ଲୋକ ଆସି ଭାଲୁଙ୍କୁ ଘଉଡ଼ାଇ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନା ଆଣିଥିଲେ।

### ଜିଲାପାଳଙ୍କୁ ସମ୍ମାନ




ନବରଙ୍ଗପୁର, ୨।୧୦(ବି.ପ୍ର.)- ଭୁବନେଶ୍ୱରସ୍ଥିତ ମେ ଫେୟାର କନ୍‌ଭେଶନ ହଲ୍‌ରେ ଇଣ୍ଟରଭିୟ୍ୟୁ ଟାଇମ୍ସ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ସେ ଚାରିବର୍ଷ ମଧ୍ୟରେ ଜିଲାରେ କରିଥିବା ବିଭିନ୍ନ ଉନ୍ନୟନ ଏବଂ ଗରିବ ଆଦିବାସୀ, ଅସହାୟ ଲୋକଙ୍କ ଜୀବିକା ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ତାଙ୍କୁ ଏହି ସମ୍ମାନ ମିଳିଛି। ଜିଲାପାଳ ଅସୁସ୍ଥ ଥିବାରୁ ଅତିରିକ୍ତ ସବ୍ କଲେକ୍ଟର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

### ବଜ୍ରପାତରେ ୨ଗାଈ, ୧ବଳଦ ମୃତ

ପାପଡ଼ାହାଣ୍ଡି/ମଇଦଲପୁର,୨।୧୦ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ କାଳିଆଗୁଡ଼ା ଗ୍ରାମରେ ଶନିବାର ବଜ୍ରପାତରେ କମଲୁ ଜାନିଙ୍କର ଦୁଇଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଶନିବାର ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ଗାଈଗୋଠକୁ ବିଜୁଳି ମାରିବାରୁ ଗାଈ ବଳଦଙ୍କ ମୃତ୍ୟୁ ହେଇଯାଇଛି।

### କଲେଜ ପକ୍ଷରୁ ଫିଟ୍ ଇଣ୍ଡିଆ ଗଣଦୌଡ଼




ବିଷମକଟକ,୨।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକସ୍ଥିତ ମାଁ ମାର୍କମା ମହାବିଦ୍ୟାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଫିଟ୍ ଇଣ୍ଡିଆ ଗଣ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଏନ୍ଏସ୍ଏସ୍ ଓ ଏନ୍‌ସିସି ଅଧିକାରୀ ବି. ରବିଶଙ୍କର କ୍ରାୟକ୍ରମର ଉଦ୍‌ଘାଟନ କରିଥିଲେ। କଲେଜ ପରିସରରୁ ଗୋଟିଗୁଡ଼ା ଛକ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଷମକଟକ ପୋଲିସ ପ୍ରଶାସନ ଏଥିରେ ସହଯୋଗ କରିଥିଲେ। ପରେ କଲେଜ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଭଞ୍ଜ, ଅଶ୍ୱିନି କୁମାର ପଣ୍ଡା, ନିରଞ୍ଜନ ପାଢ଼ି, ଦୀପ୍ତି ରାଣୀ ମିଶ୍ରଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଉପରଗଡ଼ ପାହାଡ଼ ଗାଦି ମା’ଙ୍କଠାରେ ପ୍ରାକ୍ ଦଶହରା ପୂଜା

**ଉମରକୋଟ, ୨।୧୦(ସ୍ୱ.ପ୍ର.)**



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଐତିହାସିକ ପୋଡ଼ାଗଡ଼ ପୀଠରେ ଆରମ୍ଭ ହୋଇଯାଇଛି ପ୍ରାକ୍ ଦଶହରା ପର୍ବ। ନଳରାଜାଙ୍କ ଶାସନ ସମୟରୁ ଏହି ପୂଜା ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ବିଶ୍ୱାସ ରହିଛି। କୃଷ୍ଣପକ୍ଷ ମହାଳୟା ପୂର୍ବରୁ ରାଜା ଇଷ୍ଟଦେବୀ ଗାଦି ମା’ଙ୍କର ପୂଜା ଏହିଠାରେ କରି ଆସୁଥିଲେ। ଉକ୍ତ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ଏହି ପୋଡ଼ାଗଡ଼ରେ ଅନୁଷ୍ଠିତ ହୋଇଆସୁଛି ପ୍ରାକ୍ ଦଶହରା ପର୍ବ।

ପୂଜା ଅବସରରେ ତିନି ମୁଠାର ରଇତ, ପୂଜକ, ଶିରାମାନେ ଏଠାରେ ଏକତ୍ରିତ ହୋଇଥିଲେ। ଚାଉଁରିଆ ଓ ବିଶ୍ୱ ନାରାୟଣଙ୍କ ପୂଜା ଶେଷ ପରେ ୫୫୦ ଫୁଟ ଉଚ୍ଚରେ ଥିବା ଉପରଗଡ଼ ପାହାଡ଼ରେ ରାଜାଙ୍କ ଦ୍ୱାରା ପୂଜିତ ଗାଦି ମା’ଙ୍କ ଆସ୍ଥାନରେ ପୂଜା କରାଯାଇଛି। ଇଷ୍ଟଦେବୀଙ୍କ ବାମରେ ଅଷ୍ଟଭୁଜା ଖମ୍ଭେଶ୍ୱରୀ ଏବଂ ଡାହାଣରେ ବାରଭୁଜା ଦୁର୍ଦ୍ଧାନୀ ଦେବୀ ବିରାଜିତ ହୋଇ ପୂଜା ପାଉଛନ୍ତି। ରାଜାଙ୍କର ଡଗର, ଡେବରା ପାଇକଙ୍କ ପାଖରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ କୃଷ୍ଣ ପୂଜାରୀ ପୂଜା କାର୍ଯ୍ୟ କରିଛନ୍ତି। ମଙ୍ଗଳବାର ଭୈରବ, ଦନ୍ତେଶ୍ୱରୀ ଏବଂ ଗୁଣ୍ଡୁରୁ ଭୈରବଙ୍କ ନିକଟରେ ପୂଜା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୬ ତାରିଖରେ ମହାଳୟାରୁ ପୋଡ଼ାଗଡ଼ର ଦୁର୍ଗା, କଙ୍କାଳୁଣୀ, ମଙ୍ଗଳା, ମା’ ପାଟରାଣୀ, ମା’ ପେଣ୍ଡ୍ରାଣୀ ଏବଂ ଦନ୍ତେଶ୍ୱରୀ ଭୈରବ ଆଦି ମନ୍ଦିରରେ ମା’ଙ୍କର ନବରାତ୍ରି ପୂଜା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ହୀରାପୁର, ବୋରିଗାଁ ଓ ପରିଆ ଆଦି ତିନି ମୁଠାର ଲାଠି, କୁର୍ସି ଦଶହରା ପଡ଼ୁଆରରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାର ଏହି ଐତିହାସିକ ପୀଠର ବିକାଶ ଦିଗରେ ଧ୍ୟାନଦେବା ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

# ନାଳପାଣିକୁ ରିସାଇକେଲିଂ କରି ବ୍ୟବହାର କରାଯିବ

**ଉମରକୋଟ, ୨।୧୦(ସ୍ୱ.ପ୍ର.)**

ଉମରକୋଟ ପୌର ପରିଷଦ ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଇଛି। ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖାଯିବା ସହ ନାଳପାଣିକୁ ରିସାଇକେଲିଂ କରି ତାହାକୁ ବ୍ୟବହାର କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନର୍ଦ୍ଦମା, ଗୋଷ୍ଠୀ ଶୌଚାଳୟକୁ ସଫା ରଖିବାକୁ କ’ଣ ପଦକ୍ଷେପ ନେବାକୁ ହେବ ସେ ସମ୍ପର୍କରେ ଲୋକଙ୍କ ମତାମତ ନିଆଯାଇଛି। ପଲିଥିନ ବ୍ୟବହାର କରୁଥିବା ଦୋକାନୀଙ୍କଠାରୁ ୨୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଉମରକୋଟ୍‌ର ୩ ଓ ୧୦ ନମ୍ବର ଦୁଇଟି ୱାର୍ଡ଼କୁ ଏକ ପାଇଲଟ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି। ଲୋକମାନେ ଘର ଅଳିଆ ଏଣେତେଣେ ନ ପକାଇ ପରିଷଦ ଗାଡ଼ିରେ ଦେବେ। ସ୍ୱଚ୍ଛ ସାଥୀ ଓ ପରିଷଦର ଘର ଘର ବୁଲି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ଏହି ଯୋଜନା ପ୍ରଥମ ପର୍ଯ୍ୟାୟରେ ସଫଳତାର ସହ କାର୍ଯ୍ୟକଲେ ଆଗାମୀ ଦିନରେ ଅନ୍ୟ ୱାର୍ଡଗୁଡ଼ିକୁ ଏଥିରେ ସାମିଲ କରାଯିବ ବୋଲି ଉମରକୋଟ ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି କହିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ସହରର ସ୍ୱଚ୍ଛତା ଓ ସୁରକ୍ଷାରେ ଅବଦାନ ଥିବା ସ୍ୱଚ୍ଛ ସୁପରଭାଇଜର ଅନିମାରାଣୀ ଦେବନାଥ, ସ୍ୱଚ୍ଛ ସାଥୀ ସୁସ୍ମିତା ପଦାର, ସାନିଟାଇଜେଶନ ଇନ୍‌ଚାର୍ଜ ସି.ବି.ରାଓ, ଶ୍ରେଷ୍ଠ କର୍ମଚାରୀଭାବେ ବୈକୁଣ୍ଠ ହରିଜନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ସୁରେନ୍ଦ୍ର ବେହେରା, ଶୁକଦେବ ବେହେରା, ସାନିଟାଇଜର ଏକ୍ସପର୍ଟ ବୀରେନ୍ଦ୍ର କୁମାର ମକା, ସାଗରିକା ମହାକୁଡ଼, ମନୋଜ ପ୍ରଧାନ, ସୁବ୍ରତ କୁମାର ସିଂ, ଦୀପ୍ତି ମହାନ୍ତି, ନାରାୟଣ ପ୍ରସାଦ ସାହୁ, ଗିରିଧାରୀ ଜେନା, ବାପି ସଡିଆଲ୍ ଓ ପୂର୍ବତନ କାଉନସିଲର ମୁନା ପାଢ଼ୀଙ୍କ ସମେତ ବହୁ ସ୍ୱଚ୍ଛସାଥୀ ଗ୍ରୁପ୍‌ର ସଦସ୍ୟ ଉପସ୍ଥିତ ଥିଲେ।

ସେହିଭଳି ଉମରକୋଟ ବ୍ଲକ ପକ୍ଷରୁ ବଡ଼ ଭରଣ୍ଡି କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସରପଞ୍ଚ ଲକ୍ଷ୍ମୀ ଭତ୍ରା, ସମିତି ମେମ୍ବର ଗୋପାଳ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ବଗା ପୂଜାରୀ ସହିଦ ସ୍ମୃତିସ୍ତମ୍ଭରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଯାଇଥିଲା। ବିଡିଓ ଦେବୀ ପ୍ରସାଦ ଟାଲିଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ମାନସ ପଟ୍ଟନାୟକ ପରିଚାଳନା କରିଥିଲେ।


ସ୍ୱଚ୍ଛ ସାଥୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

### ମିଲ୍‌ରୁ ୨୫ ବସ୍ତା କାଜୁ ଚୋରି

**ପାପଡ଼ାହାଣ୍ଡି /ମଇଦଲପୁର, ୨।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକଟ ପଞ୍ଚାୟତ ସିନ୍ଧିଗୁଡ଼ା ଗ୍ରାମରେ ଥିବା କେ. ସହଦେ ପାତ୍ରଙ୍କ କାଜୁ ମିଲ୍‌ର କାନ୍ଥ ଖୋଳି ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କାନ୍ଥ ଖୋଳି ୨୫ ପ୍ୟାକେଟ୍ କାଜୁ ବସ୍ତା ଚୋରିକରି ନେଇଛନ୍ତି। ଏହାର ବଜାର ମୂଲ୍ୟ ପ୍ରାୟ ଏକ ଲକ୍ଷ ପଚିଶ ହଜାର ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ସହଦେ ମଇଦଲପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଶୁଭେନ୍ଦୁ ଶବର ଓ ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଦିଆନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ପାର୍କ, ବସ୍‌ଷ୍ଟାଣ୍ଡ ସଫେଇ

**ଡାବୁଗାଁ, ୨।୧୦ (ଡି.ଏନ୍.ଏ.)**

ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଜୟନ୍ତୀନଗରସ୍ଥିତ ଶିଶୁ ଉଦ୍ୟାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଡେପୁଟି ଜିଲାପାଳ ମୌସୁମୀ ନାୟକଙ୍କ ଉପସ୍ଥିତିରେ ବିଡିଓ ଶରତ ମାଝି, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ ଯୋଗଦେଇଥିଲେ। ଡାବୁଗାଁର ବରିଷ୍ଠ ନାଗରିକଙ୍କ ମଧ୍ୟରେ ଏମ୍. ଆପ୍ପାରାଓ, ବିଜୟ କୁମାର ବେହେରା,ଏମ୍. ବୁଲୁ ରାଓ ପ୍ରମୁଖ ଡାବୁଗାଁ ବସ୍‌ଷ୍ଟାଣ୍ଡରେ ମଧ ସଫେଇ କରିଥିଲେ।

### ଷ୍ଟାଡିୟମକୁ ୨ ସିନ୍ଥେଟିକ୍ ମେଟ୍ ଦେଲେ ରାଜ୍ୟସଭା ସଦସ୍ୟ

**ରାୟଗଡ଼ା ଅଫିସ,୨।୧୦**

ରାୟଗଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡିୟମ ପାଇଁ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଏମ୍‌ପି ଲାଡ୍ ପାଣ୍ଠିରୁ ୨ଟି ସିନ୍ଥେଟିକ ମେଟ୍ ପ୍ରଦାନ କରିଛନ୍ତି। ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ୨ଟି ସିନ୍ଥେଟିକ ମେଟ୍ ପାଇଁ ଅନୁରୋଧ କରାଯାଇଥିଲା। ରାଜ୍ୟସଭା ସଦସ୍ୟ ୬ ଲକ୍ଷ ଟଙ୍କା ବ୍ୟୟରେ ଏହି ମେଟ୍ ପ୍ରଦାନ କରିଛନ୍ତି। ମେଟ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୬ରୁ ରାୟଗଡ଼ାଠାରେ ରାଜ୍ୟସ୍ତରୀୟ ୧୯ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟସଭା ସଦସ୍ୟଙ୍କ ସହଯୋଗ ଖେଳାଳିଙ୍କୁ ଉତ୍ସାହିତ କରିବ ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ କୁହାଯାଇଛି।

# ଆଇନ ସେବା ସଚେତନତା ଅଭିଯାନ ଆରମ୍ଭ

**ରାୟଗଡ଼ା ଅଫିସ/ଗୁଣପୁର/ଟିକିରି/ବିଷମକଟକ, ୨।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରଭାତ ଫେରି ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଳଷ୍ଟେଶନଠାରୁ ସିଭିଲ କୋର୍ଟ ପର୍ଯ୍ୟନ୍ତ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଡିଏଲ୍ଏସ୍ଏର ସଚିବ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାତ ଫେରିରେ ପ୍ୟାନେଲ ଓକିଲ ସାମୁଏଲ ତାଣ୍ଡି, ଅରୁଣ ଲେଙ୍କା, ନବ କୁମାର କାଁଅଟା, ମାନସ ରଞ୍ଜନ ରଥ, ରଜତ ରଞ୍ଜନ ଖଟୁଆ, ପାରା ଲିଗାଲ ଭଲ୍ୟୁଣ୍ଟିୟର୍ସମାନେ ଉପସ୍ଥିତ ରହି ଲୋକଙ୍କୁ ଆଇନ ସେବା ବିଷୟରେ ସଚେତନ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅକ୍ଟୋବର ୨ ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ସମସ୍ତ ନାଗରିକଙ୍କୁ ମାଗଣା ଆଇନ ସେବା ବିଷୟରେ ସଚେତନ କରାଯିବ। ରାୟଗଡ଼ାସ୍ଥିତ ମାଙ୍କଡ଼ଖୋଲା ବସ୍ତିରେ ଶନିବାର ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।

ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସକାଳେ ପ୍ରଭାତ ଫେରି କାର୍ଯ୍ୟକ୍ରମ ହୋଇଥିଲା। ଏଡିଜେ ଅଜୟ କୁମାର ପ୍ରଧାନ, ସବ୍‌ଜଜ୍ ସଙ୍ଗିତା ମଲିକ, ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ, ଜେଏମ୍ଏଫ୍‌ସି ବର୍ଷାରାଣୀ ମହାନ୍ତି, ଓକିଲ ରମେଶ ଚନ୍ଦ୍ର ଲିମା ପ୍ରମୁଖ ମଞ୍ଚାସିନ ଥିଲେ। ପରେ କୋର୍ଟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

କାଶୀପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତଠାରେ ମଧ ତାଲୁକ ଆଇନ ସେବା ସଂଘ ଆନୁକୂଲ୍ୟରେ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଛି। ମାଜିଷ୍ଟ୍ରେଟ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କାଶୀପୁର ଓକିଲ ସଂଘ ସଭାପତି କୈଳାଶ ଚନ୍ଦ୍ର ପୂଜାରୀ, ସମ୍ପାଦକ ପ୍ରେମାନନ୍ଦ ନାଏକ, ଏପିପି କର୍ମଚାନ୍ଦ ପ୍ରଧାନଙ୍କ ସମେତ ଅଦାଲତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଷମକଟକ ତାଲୁକ ଆଇନ ସେବା କମିଟି ପକ୍ଷରୁ ମଧ ପ୍ରଭାତ ଫେରି ସହ ଆଇନ ସେବା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ ସୁଷମା ସ୍ୱାଇଁ, ପ୍ରଥମ ଶ୍ରେଣୀ ଦଣ୍ଡ ବିଭାଗୀୟ ଅଧିକାରୀ କୁମାର ସ୍ୱନ୍ଦନ, ବାର୍ ଆସୋସିଏଶନର କର୍ମକର୍ତ୍ତା, ଆଇନ ସେବା କମିଟିର କର୍ମଚାରୀ, ପ୍ୟାନେଲ ଲଏର୍ସ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଡିଏଲ୍ଏସ୍ଏର ଅଧିକାରୀମାନେ ।

# ଉଦଘାଟିତ ହେଲା ବାଜିସାହେବଙ୍କ ପ୍ରତିମୂର୍ତ୍ତି, ମାର୍ଗ


ବାଜିସାହେବଙ୍କ ପ୍ରତିମୂର୍ତ୍ତି ନିକଟରେ ଅଧିକାରୀ ଓ ଅନ୍ୟମାନେ।

**ନବରଙ୍ଗପୁର,୨।୧୦ (ବି.ପ୍ର.)**

ସ୍ୱାଧୀନତା ସଂଗ୍ରାମୀ ତଥା ନବରଙ୍ଗପୁରର ଗର୍ବ ମହମ୍ମଦ ବାଜିଙ୍କ ପ୍ରତିମୂର୍ତ୍ତିକୁ ଶନିବାର ଉଦ୍‌ଘାଟନ କରାଯାଇଛି। ଏଥିସହ ନବରଙ୍ଗପୁର ସଦର ମହକୁମାସ୍ଥିତ ଭିଜିଲାନ୍ସ ରୋଡର ନାମ ପରିବର୍ତ୍ତନ କରାଯାଇ ତାଙ୍କ ନାମରେ ନାମିତ ହୋଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଓ ମାର୍ଗ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଏଡିଏମ୍ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସିରାଜୁଦ୍ଧୀନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି। ମହିଳା ମହାବିଦ୍ୟାଳୟ ଛକରୁ ଭିଜିଲାନ୍ସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବିଥିବା ଏହି ରାସ୍ତା ବର୍ତ୍ତମାନ ସହରର ପ୍ରମୁଖ ରାସ୍ତା ରୂପେ ପରିଚିତ। ଏହାକୁ ଭାରିଯାନ ଚଳାଚଳ ପାଇଁ ବାଇପାସ୍ ରାସ୍ତା ରୂପେ ବ୍ୟବହାର କରାଯାଉଛି। ଏହି ରାସ୍ତାର ଶେଷ ଭାଗରେ ବାଜୀ ସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା, ଆଗକୁ ଏଠାରେ ଓପନ ଜିମ୍ ସ୍ଥାପନ କରାଯିବ ବୋଲି ପ୍ରଶଶସନ ପକ୍ଷରୁ ସୂଚନ ଦିଆଯାଇଛି। ବାଜି ସାହେବଙ୍କ ପରିବାର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

# ଏନ୍ଏସ୍ଏସ୍ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ଦୌଡ଼



ଗଣଦୌଡରେ ବାହାରିଥିବା ଏନ୍ଏସ୍ଏସ୍ ଛାତ୍ର ଓ ଅଧିକାରୀ ।

**ରାୟଗଡ଼ା ଅଫିସ,୨।୧୦**

ରାୟଗଡ଼ା ଜିଲା ଜେକେପୁର କମଟେଲପେଟାସ୍ଥିତ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍ଏସ୍ଏସ୍ ପକ୍ଷରୁ ଆଜାଦି କି ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦୌଡ଼ କଲେଜଠାରୁ ସ୍ଥାନୀୟ ଟ୍ରାଫିକ ଛକ ପର୍ଯ୍ୟନ୍ତ ଏବଂ ପୁଣି କଲେଜ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀମାନେ ଦେଶ ଗଠନର ବିଭିନ୍ନ ସ୍ଲୋଗାନ ଦେବା ସହ ସ୍ୱଚ୍ଛତା ଏବଂ ସୁସ୍ଥତା ନେଇ ସଚେତନ କରିଥିଲେ। ଟ୍ରାଫିକ ଛକଠାରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଜାତୀୟ ରାଜପଥରେ ସ୍ୱେଚ୍ଛାସେବୀମାନେ ଦୌଡ଼ି ସଚେତନ କରିଥିଲେ। ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ବିଷୟରେ ଆନନ୍ଦ ଚନ୍ଦ୍ର ପଣ୍ଡା ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍‌ର ପ୍ରୋଗ୍ରାମ ଅଫିସର ଭବାନୀ ଶଙ୍କର ଦାସ ପରିଚାଳନା କରିଥିଲେ।

# ୫ ବର୍ଷ ହେଲା କୁଟିଙ୍ଗଗୁଡ଼ା ପୋଲ ନିର୍ମାଣ ସରୁନି

**ଟିକିରି,୨।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ତୋୟାପୁଟ ଗ୍ରାମ କୁଟିଙ୍ଗଗୁଡ଼ା ନଦୀ ଉପରେ ଚାଲିଥିବା ନୂତନ ପୋଲ ନିର୍ମାଣ କାମ ୫ ବର୍ଷ ହେଲା ସରୁନାହିଁ। ୨୦୧୬ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ତାହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ନଦୀ ଉପରେ ରହିଥିବା ପୁରୁଣା ପୋଲ ଉପରଦେଇ ଲୋକେ ବିପଜ୍ଜନକ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏହା ଉପରଦେଇ ଅନେକ ଭାରିଯାନ ଚଳାଚଳ କରୁଥିବାବେଳେ କୌଣସି ପରିସ୍ଥିତିରେ ପୋଲ ଭାଙ୍ଗିଲେ ବଡ଼ ଦୁର୍ଘଟଣା ଘଟିବା ସହ କାଶୀପୁରକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ତେଣୁ ନୂତନ ପୋଲ କାମ ଶୀଘ୍ର ସାରିବାକୁ ତୋୟାପୁଟ ଗ୍ରାମବାସୀ ଦାବି କରିଛନ୍ତି।

**ପୁରୁଣା ପୋଲ ଦେଇ ବିପଜ୍ଜନକ ଅବସ୍ଥାରେ ଚଳାଚଳ କରୁଛି ଭାରିଯାନ**

ସୂଚନାଯୋଗ୍ୟ, ଏହି ପୋଲ ନିର୍ମାଣ ପାଇଁ ସେତେବେଳେ ୩ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ବର୍ଷେ ମଧ୍ୟରେ କାମ ସାରିବାକୁ ସମୟସୀମା ଧାର୍ଯ୍ୟ ହୋଇଥିଲା। ହେଲେ ୫ ବର୍ଷ ବିତିଯାଇଥିଲେ ମଧ ପୋଲକାମ ସରୁନାହିଁ। କାମ ଅଧାରେ ଅଟକିବା ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଯମୁନା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲର ଡିଜାଇନ ପରିବର୍ତ୍ତନ ଯୋଗୁ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଯାଇଥିଲା। ସେଥିପାଇଁ କାମରେ ବିଳମ୍ବ ଘଟୁଥିଲା। ବର୍ଷା ନ ହେଲେ କାମ ଶୀଘ୍ର ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।


ଅର୍ଦ୍ଧନିର୍ମିତ ପୋଲ।

# ଲୋକକଳା ଗ୍ରାମରେ କଳାକାରଙ୍କୁ ସମ୍ମାନ

**ରାୟଗଡ଼ା ଅଫିସ,୨।୧୦**

ରାୟଗଡ଼ା ଜିଲା ସଦରଠାରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯାଇଥିଲା। ସେହିପରି ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଥିଲା। ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ସର୍ବଧର୍ମ ପ୍ରାର୍ଥନା, ପୂଜ୍ୟପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଧର୍ମର ଧର୍ମଗୁରୁ ଉପସ୍ଥିତ ରହି ଧର୍ମଗ୍ରନ୍ଥ ପାଠ କରିଥିଲେ।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ରାୟଗଡ଼ା ଜିଲା ସଦର ବ୍ଲକର ଲୋକକଳା ଗ୍ରାମ ଗେଟିପଡ଼ାଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତି ପାଳନ ସହ ଲୋକକଳା ଗ୍ରାମର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଜିଲାପାଳ, ଜିଲା ପରିଷଦ ଅଧକ୍ଷଙ୍କ ସମେତ ମୁଖ୍ୟବକ୍ତା ରୂପେ ନରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଏସ୍‌ପି ବିବେକାନନ୍ଦ ଶର୍ମା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ଲୋକକଳା ଗ୍ରାମର ସଭାପତି ସନ୍ତୋଷ ତାଣ୍ଡି ଉପସ୍ଥିତ ଥିଲେ। କଳା, ସାହିତ୍ୟ, ସଂସ୍କୃତି ତଥା କଳାକାର ଗ୍ରାମର ପ୍ରତିଟି ଲୋକଙ୍କ ସାମୁହିକ ଉନ୍ନତି ଓ କଳାକାର ଗ୍ରାମର କଳାକାରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବା ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃସିଂହ ଚରଣ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗେଟିପଡ଼ା ଲୋକକଳା ଗ୍ରାମର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ନିଶା ନିବାରଣ ଉପରେ ପଥପ୍ରାନ୍ତ ନାଟକ, ମେଲୋଡି, ଡଙ୍ଗରିଆ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ ଏବଂ ଗେଟିପଡ଼ା ଲୋକକଳା ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ମହୁରୀ ଗୁରୁ କାସ୍ତା ତାଣ୍ଡି ଓ କୀର୍ତ୍ତନ ଗୁରୁ ଜୟଲାଲ ତାଣ୍ଡିଙ୍କୁ ଲୋକକଳା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ନୀଳାଚଳ ମିଶ୍ର, ଶିବ ମିଶ୍ର, ଉମ୍ବୁରୁଧର ପଣ୍ଡା,ରାମଚନ୍ଦ୍ର ପାତ୍ର, ଶ୍ରୀକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ଦୋରା, ସମ୍ରାଟ ସାହୁ, ଅନନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜିଲାପାଳ ଜଣେ କଳାକାରଙ୍କୁ ସମ୍ମାନିତ କରୁଛନ୍ତି ।

- ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ
- ୨ କଳାକାରଙ୍କୁ ଲୋକକଳା ସମ୍ମାନ

**ଡିଏଲ୍ଏସ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର, ୨।୧୦( ନି.ପ୍ର.)- ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଆଦେଶକ୍ରମେ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଜଜ୍ ଅଶୋକ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ସ୍ୱତନ୍ତ୍ର ଅଭିଯାନକୁ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ପରିଚାଳନା କରିଥିଲେ। ଜିଲା ପ୍ରଶାସନ, ଡିଏଲ୍ଏସ୍, ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକ ପ୍ରଭାତଫେରି କାର୍ଯ୍ୟକ୍ରମ କରାଯାଇଛି। ଏହା ପରେ ଜିଲାକୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର ଓ ଡିଏଲ୍ଏସ୍ ଅଧକ୍ଷା ମାଲ୍ୟାର୍ପଣ କରିଥିଲେ। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଅନ୍‌ଲାଇନ କାର୍ଯ୍ୟକ୍ରମ ରଙ୍ଗମାଟିଗୁଡ଼ା ଗ୍ରାମରେ ଆୟୋଜିତ ହୋଇଥିଲା।

**ସଂକ୍ଷେପରେ...**

## ଲକ୍ଷାଧିକ ଟଙ୍କାର କାଠ ଜବତ: ୨ଗିରଫ

ମାଲକାନଗିରି,୨।୧୦(ଡି.ଏନ୍.ଏ.)- ମାଲକାନଗିରି ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲିଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋୟୀଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଚଢାଉ କରି କାଠ ବୋଝେଇ ଟ୍ରାକ୍ଟର ଜବତ କରିଛି। ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶିଖପାଲି ପଞ୍ଚାୟତ ଉର୍ମାଗୁଡା ଗ୍ରାମର ସୁକା କବାସୀ ଓ ମୁକା କବାସୀ। ପଡିଆ ଥାନା ପାଡଗାନପାଲିରୁ ମାଲକାନଗିରି ଥାନା ଅନ୍ତର୍ଗତ କମାଲିଗୁଡାକୁ ଏକ ଟ୍ରାକ୍ଟର ଯୋଗେ ଶାଗୁଆନ କାଠ ଚୋରା ଚାଲାଣ ହେଉଥିବା ଖବରପାଇ ଏମ୍‌ଭି- ୧୮ ଗ୍ରାମ ନିକଟରେ କର୍ମଚାରୀମାନେ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରାକ୍ଟରରୁ ୧୦ଟି ଶାଗୁଆନ ଗଣ୍ଡି ମିଳିଥିଲା। ଜବତ କାଠର ମୁଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଶୋୟୀ କହିଛନ୍ତି। ଚଢାଉରେ ବନପାଳ ଦିବାକର ଜେନା, ମୋହନ ଗୁଡିଆ, ବନରକ୍ଷୀ ପି. ସନେଷ କୁମାର, ରବି ନାରାୟଣ ଖଣ୍ଡୁଆଳ, ସୁଧୀର ମୁର୍ମୁଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ୮ଫୁଟର ଅଜଗର ଉଦ୍ଧାର



ଚିତ୍ରକୋଣ୍ଡା,୨।୧୦(ଡି.ଏନ.ଏ.)-ଚିତ୍ରକୋଣ୍ଡା ବ୍ୟାଙ୍କ କଲୋନିର ରବି ପତଙ୍ଗଙ୍କ ଘର ବାରିପଟୁ ଏକ ଅଜଗର ଉଦ୍ଧାର ହୋଇଛି। ରବି ସାପଟିକୁ ଦେଖି ସାପ ଧରାଳି ମାଧବ କୁସପାରିଆଙ୍କୁ ଜଣାଇଥିଲେ। ମାଧବ ପହଞ୍ଚି ଅଜଗରକୁ କୌଶଳର ସହ ଧରି ନିକଟସ୍ଥ ଜଙ୍ଗଲରେ ନେଇ ଛାଡ଼ିଥିଲେ। ଅଜଗରର ଲମ୍ବ ୮ଫୁଟ ଓ ଏହାର ଓଜନ ୧୨କିଲୋଗ୍ରାମ ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମାଧବ ୫ବର୍ଷ ହେଲା ବିଭିନ୍ନ ଅଞ୍ଚଳରୁ ବିଷାକ୍ତ ସାପମାନ ଧରି ଜଙ୍ଗଲରେ ଛାଡୁଛନ୍ତି। ଏନେଇ ତାଙ୍କୁ ଏକ ପ୍ରମାଣପତ୍ର ପ୍ରଶାସନ ପକ୍ଷରୁ ଦେବାକୁ ସେ ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ ମଧ କେହି ଶୁଣୁନାହାନ୍ତି ବୋଲି ମାଧବ କହିଛନ୍ତି।

## ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଏମ୍‌ଭି ୭୯,୨।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଶନିବାର ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ମାଲକାନଗିରି ହେଡକ୍ୱାର୍ଟରରେ କାର୍ଯ୍ୟରତ ଥିଲେ। ଏଠାରେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଅଶୋକ କୁମାର ବିଶୋୟୀଙ୍କୁ ମୋଟୁ ଥାନାକୁ ବଦଳି ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ରଖି କାର୍ଯ୍ୟ କରିବା, ଥାନାକୁ ଆସୁଥିବା ଲୋକଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ମୋର ପ୍ରାଥମିକତା ହେବ ବୋଲି ଏହି ଅବସରରେ ହୋତା କହିଛନ୍ତି।

## କଫି ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ କଫି ଦିବସ ପାଳିତ

କୋରାପୁଟ,୨।୧୦(ସ୍ୱ.ପ୍ର.)-କୋରାପୁଟ କଫି ବୋର୍ଡ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ କଫି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଫିଚାଷର ବିକାଶ , କଫିକୁ ଏକ ଶିଳ୍ପ ମାନ୍ୟତା ଦେବା ସହ କୋରାପୁଟ କଫିର ମାନକୁ ସୁଦୂରପ୍ରସାରୀ କରିବାକୁ ମୁଖ୍ୟ ଲକ୍ଷ୍ୟ ରହିଥିବା କଫି ବୋର୍ଡର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ (ଏସ୍ଏଲ୍ଓ) ଉପେନ୍ଦ୍ର କୁମାର ସାହା କହିଛନ୍ତି। ଚଳିତ ବର୍ଷ କଫି ସହିତ ଏହି ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାର ଯେପରି ଉନ୍ନତି ହୋଇପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଲୋକଙ୍କୁ ସ୍ୱଚ୍ଛତା ଅଭିଯାନ ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କଫି ବୋର୍ଡ ତଥା ବିଭାଗୀୟ ଅଧିକାରୀ, ପ୍ରଥମ ଆଇଆର୍‌ବି ବାଟାଲିୟନର ପଦସ୍ଥ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ଦିବସ

ଦାମନଯୋଡି,୨।୧୦(ଡି.ଏନ.ଏ.)- କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସଚେତନ କରାଯାଇଥିଲା। ସେମାନଙ୍କ ରକ୍ତଚାପ, ରକ୍ତ ସର୍କରା ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା | ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିପିଏମ ନୂତନ ସିଂହ ଏବଂ ଭାରପ୍ରାପ୍ତ ପିଏଚଇଓ ମକର ଜାନୀ, ତାପସ ରଞ୍ଜନ ବେହେରା, ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ, ଟେକନିସିଆନ ସୁକେତ ବିଶୋୟୀ, ରାଜଲକ୍ଷ୍ମୀ ସାହୁ, ସୁଶାନ୍ତ ଭଞ୍ଜ ସହାୟତା କରିଥିଲେ। ଉପସ୍ଥିତ ଆଶାକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅହିଂସା,ସତ୍‌ମାର୍ଗ ସାରା ବିଶ୍ୱକୁ ପ୍ରେରଣା ଦେଇଛି

**ମାଲକାନଗିରି/ଚିତ୍ରକୋଣ୍ଡା/କୁଡୁମୁଲୁଗୁମ୍ମା,୨।୧୦ (ଡି.ଏନ୍.ଏ.)–**

ମାଲକାନଗିରି ଜିଲା ସଦର ମହକୁମା ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୨ ତମ ଜୟନ୍ତୀ ଶନିବାର ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ଶିକ୍ଷାଧିକାରୀ ମାନସ ଜେନାଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଜିଲାପାଳ ମହାତ୍ମାଗାନ୍ଧୀ ଏବଂ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ଅନ୍ୟ ଅତିଥିମାନେ ଅର୍ପଣ କରିଥିଲେ। ଭାରତ ସ୍ୱାଧୀନତାରେ ଗାନ୍ଧିଜୀଙ୍କ ଭୂମିକାକୁ ସ୍ମରଣକରି ତାଙ୍କ ଅହିଂସା ଓ ସତ୍‌ମାର୍ଗ ସାରା ବିଶ୍ୱକୁ ପ୍ରେରଣା ଦେଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଜିଲା ପ୍ରଶାସନ



ଜିଲାପାଳ ବିଶାଳ ସିଂହ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**ଗାନ୍ଧୀ ଜୟନ୍ତୀ**

ପକ୍ଷରୁ ମଧ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ ତାଙ୍କ ଅବଦାନକୁ ସ୍ମରଣକରି ଭାରତବାସୀ ଏହାକୁ କେବେ ଭୁଲିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଜି.ଶ୍ରୀନିବାସ ରାଓ, କେଶୁ ରାଓ, ପର୍ଶୁରାମ ଭକ୍ତ, ଛବି ଦାସ, ପଦ୍ମ ପାଙ୍ଗି, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଅଧକ୍ଷତା କରିଥିଲେ। ବିଡ଼ିଓ ରାହୁଲ ମଣ୍ଡଳ, ପିଇଓ ବାଳକୃଷ୍ଣ ଦେହୁରୀ, ସିପି ସୁଧାମୟ ମଣ୍ଡଳ, ସୁପରଭାଇଜର ଶରତ ମଞ୍ଜରୀ ସ୍ୱାଇଁ, ସାମାଜିକ କର୍ମୀ ଦେବେନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗାନ୍ଧୀଜୀଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟରେ ମହାତ୍ମାଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଓ ସ୍ୱାଧୀନତାର ୭୫ ତମ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ସରପଞ୍ଚ ପହଲା ପାଙ୍ଗି ଅଧକ୍ଷତା କରିଥିଲେ। ଅତିଥିରୂପେ ଅବକାରୀ ଇନ୍ସପେକ୍ଟର ଉଦୟଲାଲ ନାୟକ, ପୋଲିସ ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା, ଏସଆଇ ରାମଜୀ ପଟେଲ, ବ୍ଲକ ଶିଶୁ ବିକାଶ ଅଧିକାରୀ ନିହାରବାଳା ସାହୁ, ନାଏବ ସରପଞ୍ଚ ଚନ୍ଦ୍ର ହନ୍ତାଳ, ଶ୍ରୀକାନ୍ତ ନରମଚେଟ୍ଟୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଆରତି ବେହେରା, ଶୁଭଲକ୍ଷ୍ମୀ ରାଉତ ପ୍ରମୁଖ ଉପସ୍ଥିତ ରହି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ତୈଳଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ନିଶାଦ୍ରବ୍ୟ ସେବନ ଓ ଚାଲାଣଠାରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନରେ ନାଗରିକମାନେ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପିଇଓ ପ୍ରଦିପ୍ତ ପଣ୍ଡା ପରିଚାଳନା କରିଥିଲେ।

## ଦେଶ ସୁରକ୍ଷାରେ ନିୟୋଜିତ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ



ଆଜାଦି କି ଅମୃତ ମହୋତ୍ସବରେ ଉପସ୍ଥିତ ଅତିଥି।

**ମାଲକାନଗିରି,୨।୧୦(ଡି.ଏନ୍.ଏ.)**

**ଆଜାଦି କି ଅମୃତ ମହୋତ୍ସବ**

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶନିବାର ସଦର ମହକୁମାସ୍ଥିତ ଡିଏନ୍‌କେ ଖେଳପଡିଆଠାରେ ଆଜାଦି କି ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସଂଯୋଜକ ହରିଶ ରୂପାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଦିତ୍ୟ ମାଢ଼ି, ସମ୍ମାନିତ ଅତିରିକ୍ତ ରୂପେ ଜିଲାପାଳ ବୀରସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଯୁବନେତା ପ୍ରୀତପାଲ ସିଂ, ନମିତା ଦଣ୍ଡସେନା, ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ଯୁବପିଢ଼ି ନିଜ ଶରୀରକୁ ସୁସ୍ଥ ରଖିବା ସହ ଦେଶବାସୀ କିପରି ସୁସ୍ଥ ଶାରୀରିକ ଜୀବନ ବିତାଇବେ ସେଥିପାଇଁ ଦୃଷ୍ଟିଦେବା ଯୁବପିଢ଼ିଙ୍କ ଭୂମିକା ରହିଛି। ସେମାନେ ଦେଶର ସୁରକ୍ଷା, ପ୍ରଗତି ଏବଂ ଦେଶ ପ୍ରେମ ପାଇଁ ପ୍ରତି କାର୍ଯ୍ୟରେ ଆଗେଇ ଆସିବା ଉଚିତ ବୋଲି ମୁଖ୍ୟ ଅତିଥି ପ୍ରଧାନ ଆହ୍ୱାନ ଦେଇଥିଲେ। ଜିଲାରେ ଥିବା ୨ ହଜାରରୁ ଊର୍ଦ୍ଧ୍ୱ ନେହେରୁ ଯୁବକେନ୍ଦ୍ରର ସଦସ୍ୟାସଦସ୍ୟମାନେ ଜିଲାକୁ ସ୍ୱଚ୍ଛ ରଖିବା ପାଇଁ ଆଜିଠାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରୁ ୨୫ କେଜି ଅନାବଶ୍ୟକ ପଲିଥିନ୍ ସଂଗ୍ରହକରି ବ୍ଲକ କାର୍ଯ୍ୟାଳୟରେ ଜମାଦେଇ ପ୍ରତି ଗ୍ରାମରେ ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି କରିବାକୁ ଏହି ଅବସରରେ ଶପଥ ପାଠ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଖେଳପଡିଆରୁ ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା।

# ମାଲକାନଗିରି, ବାଲିମେଳାର ୭୬୮ ହିତାଧିକାରୀ ଚିହ୍ନଟ

**ମାଲକାନଗିରି,୨।୧୦(ଡି.ଏନ.ଏ.)**

**ସହରାଞ୍ଚଳ ବସ୍ତିବାସିନ୍ଦା ଥଇଥାନ ଯୋଜନା**

ମାଲକାନଗିରି ଜିଲା ସଦର ମହକୁମା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ସହରାଞ୍ଚଳ ବସ୍ତିବାସିନ୍ଦା ଥଇଥାନ କମିଟି ଅଧକ୍ଷ ତଥା ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳର ବସ୍ତି ଅଞ୍ଚଳରେ ବସବାସ କରୁଥିବା ହିତାଧିକାରୀଙ୍କୁ ଚିହ୍ନଟକରି ସେମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ସମସ୍ତ ଜିଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାଲକାନଗିରି ଜିଲାରେ ଗତମାସ ୧୯ରୁ ୨୮ ପର୍ଯ୍ୟନ୍ତ ସହରାଞ୍ଚଳରେ ଏକ କମିଟି ଦ୍ୱାରା ସର୍ଭେ କରାଯାଇଥିଲା। ଏହି ଅନୁଯାୟୀ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ୪୩୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ବେଳେ ୧୦୫ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ସେହିପରି ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ୩୩୬ ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୩୪ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ୩୨୩ ବର୍ଗ ମିଟର ସ୍ଥାନର ଘରଡିହ ପଟ୍ଟା ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ସରକାରଙ୍କ ନିର୍ଦ୍ଦେଶ ପରେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ଉପଜିଲାପାଳ ରାମେଶ୍ୱର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ହୋଇଥିବା ସର୍ଭେ ବେଳେ ୪ନଂ. ୱାର୍ଡ ଚିଦାନନ୍ଦ ସାହିରେ ଶତାଧିକ ହିତାଧିକାରୀ ସାମିଲ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ବୈଠକରେ ତହସିଲଦାର ଗୁଣନିଧି ନାୟକ, ଚିତ୍ରକୋଣ୍ଡା ତହସିଲଦାର, ଟି. ପଦ୍ମନାଭ ଦୋରା, ଚିତ୍ରକୋଣା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀ ତ୍ରିଶୂଳ ମାଡ଼ି, ବାଲିମେଳା ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ସଦସ୍ୟ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଲୋକକଳା ଗାଁ ବି.ମାଳିଗୁଡ଼ାର ବାର୍ଷିକ ଉତ୍ସବ



**ନନ୍ଦାହାଣ୍ଡି,(ଡି.ଏନ୍.ଏ.)**

ଲୋକକଳା ଗ୍ରାମ ଭାବେ ପରିଚୟ ପାଇଥିବା ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ବି.ମାଳିଗୁଡା ଗ୍ରାମରେ ଏହାର ବାର୍ଷିକ ମହୋତ୍ସବ ପାଳନ କରାଯାଇଛି। ଆଦିବାସୀ ନାଟଗୁରୁ ରୂପେ ସାରା ରାଜ୍ୟ ରେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ଚୈତନ୍ୟ ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ , ବିଡିଓ ଶିବଶଙ୍କର ମୁର୍ମୁ, ନନ୍ଦାହାଣ୍ଡି ବ୍ଲକ ଚେୟାରମାନ ସନ୍ନ୍ୟାସୀ ସୌରା, ଜିଲ୍ଲା ପରିଷଦ ଅଧକ୍ଷା ଭଗବତୀ ଭତରା, ଉପାଧକ୍ଷା ନିବେଦିତା ମହାନ୍ତି, ଜିଲା ପରିଷଦ ସଭ୍ୟା ମମତା ଭତରା ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଛନ୍ତି।

## ନୂତନ ଭବନ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ଜୟପୁର,୨।୧୦(ନି.ପ୍ର. )**



ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ଭବନ ତଥା ସାଂସ୍କୃତିକ ମଣ୍ଡପ ଶନିବାର ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭରଚ୍ୟୁଆଲ ମୋଡରେ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତି ଉପ ସଭାପତି ଡ. ପ୍ରଦୀପ ସାହୁ, ସମ୍ଭାଗ କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ବରାଳ, ସମ୍ଭାଗ ସଂଯୋଜକ ବିଶ୍ୱମ୍ଭର ଦ୍ୱାରି, ସହ ବିଭାଗ ନିରୀକ୍ଷକ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ପଙ୍କଜ ପାତ୍ର , ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା,କୋଷାଧକ୍ଷ ଜଗନ୍ନାଥ ମିଶ୍ର,ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବହିଆ ଉପସ୍ଥିତ ଥିଲେ। କେ. ରାମବାବୁ, ବିଜୟ କୁମାର ଏବଂ ଅବନ୍ତିକା ସାହୁ ସହଯୋଗ କରିଥିଲେ।

# ଅହିଂସା ଦ୍ୱାରା ସବୁ କାର୍ଯ୍ୟ ସମ୍ଭବ

**କୋରାପୁଟ/ଦଶମନ୍ତପୁର/ସୁନାବେଡା/କୁନ୍ଦୁରା/ଜୟପୁର, ୨।୧୦(ସ୍ୱ.ପ୍ର./ଡି.ଏନ.ଏ./ନି.ପ୍ର.)**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଶନିବାର ଜିଲା ପ୍ରଶାସନ ପକ୍ଷରୁ ସ୍ମୃତିଚାରଣ ସହ ସର୍ବଧର୍ମ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦାଲ ଏମ. ଅଖତାର ଅତିଥିଭାବେ ଫରେଷ୍ଟ ଚେକ ଗେଟ ନିକଟରେ ଥିବା ଲାଲ ବାହାଦୁର ଶାସ୍ତ୍ରୀ ଏବଂ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କର ସ୍ମୃତିଚାରଣ କରିଥିଲେ । ପରେ ଗାନ୍ଧୀପାର୍କଠାରେ ସାଧାରଣ ସଭା ହୋଇଥିଲା। ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ରଘୁରାମ ପଡାଲ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ ଅହିଂସା ଦ୍ୱା ଯେକୌଣସି କାର୍ଯ୍ୟ କରିହେବ ବୋଲି ପ୍ରକାଶ କରିଥିଲେ । ପୌର ନିର୍ବାହୀ ଅଧିକାରୀ ଭେଦ ଭୂଷଣ, ସହକାରୀ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ଗୁଣନିଧି ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଗାନ୍ଧୀପାର୍କଠାରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନାରେ ଗୀତା, ବାଇବେଲ, କୋରାନ ପାଠ କରାଯାଇଥିଲା। ଅଧାପକ ରବି ଶତପଥୀ ସଂଯୋଜନା କରିଥିଲେ ।



ସର୍ବଧର୍ମ ସଭାରେ ଉପସ୍ଥିତ ଅଧିକାରୀମାନେ ।

ଦଶମନ୍ତପୁରରେ ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କର୍ମୀମାନେ ଡାକ୍ତରଖାନା ପରିସରରେ ଅଳିଆ ଆବର୍ଜନା ସଫା କରି ରୋଗୀଙ୍କୁ କ୍ଷୀର ଓ ରୁଟି ବଣ୍ଟନ କରିଥିଲେ।

ସେମିଳିଗୁଡା ଆର୍ଟ ଅଫ ଲିଭିଂ ପକ୍ଷରୁ ଗାନ୍ଧୀଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନରେ ଯୋଗର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।ପ୍ରଶିକ୍ଷିକା ଡ଼ ସରସ୍ୱତୀ ରାୟ,ବିଜୁଳି ସାହୁ, କାହ୍ନୁ ନାୟକ, ରାହୁଲ ନାୟକ, ଅନୁଭବ ଆନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କୁନ୍ଦୁରାରେ ବ୍ଲକ କଂଗ୍ରେସ ପକ୍ଷରୁ କେରମେଟି ଗ୍ରାମରେ ପଦଯାତ୍ରା କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ଗୋକୁଳ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଙ୍କ ବାଣୀ ଉପରେ ଆଲୋଚନା କରିଥିଲେ। ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରୀ ମଲ୍ଲିକ, ଜିଲା କିଷାନ ସଭାପତି ଭବାନୀ ଶଙ୍କର ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଜିଲା କଂଗ୍ରେସ ଭବନଠାରେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ନୀତି ଆଦର୍ଶରେ ଆନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବିନୋଦ ମହାପାତ୍ର, ବୁଲୁ ସାହୁ, କାନ୍ତ ପାଢୀ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ର, ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜଳ ସେଚନ ବସତି ଠାରେ, ଶ୍ରମିକ ଭବନ ଠାରେ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ, ଜିଲା ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ସରୋଜ ଦାସଙ୍କ ତତ୍ତ୍ୱାବଧାନରେ ମାହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ସଂଘ ସମ୍ପାଦକ ଅନନ୍ଦ ରଥ, ହରିଶ ମୁଦୁଲି, ଗିରିଧର ଖରା ଉପସ୍ଥିତ ଥିଲେ।

## ଗୃହରକ୍ଷୀଙ୍କ ମୃତଦେହ ଜବତ

**ଏମ୍‌ଭି ୭୯,୨।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଥାନାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ମାଲକାନଗିରି ବ୍ଲକ କଲୋନି ସାହିର ଅଲେଖ ସୁନାନି (୪୮)। ସେ ଏକବର୍ଷ ତଳେ ମୋଟୁ ଥାନାକୁ ବଦଳି ହୋଇ ଆସିଥିଲେ। ଶୁକ୍ରବାର ସନ୍ଧ୍ୟା ୫ଟାରେ ଅଲେଖ ମୋଟୁ ଜଗନ୍ନାଥ ମନ୍ଦିର ପଛପଟେ ଅଚେତ ଅବସ୍ଥାରେ ପଡ଼ିଥିବା କେତେଜଣ ବ୍ୟକ୍ତି ଦେଖି ଥାନାକୁ ଖବର ଦେଇଥିଲେ । ପରେ ଥାନା କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମୋଟୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ କାଲିମେଳା ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଶନିବାର ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। କେସ୍ ନଂ. ୨୧/୨୧ରେ ଏକ ମାମଲା ରୁଜୁ ହୋଇଛି।

## ୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

**କୋରାପୁଟ,୨।୧୦(ସ୍ୱ.ପ୍ର)**

କୋରାପୁଟ ଅବକାରୀ ବିଭାଗ ଗଞ୍ଜେଇ ଚୋରା ଚାଲାଣ ବେଳେ ଏହାକୁ ଜବତ କରିଛି। ପାଡୁଆ ଅଞ୍ଚଳରୁ ଏକ ଅଟୋରେ ଏହି ଗଞ୍ଜେଇ ଆନ୍ଧ୍ରକୁ ଚାଲାଣ ହେଉଥିଲା। ଏହାର ବଜାର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ତାଙ୍କ ନାମ ଶିବମ କୃଷ୍ଣମୂର୍ତ୍ତି। ତାଙ୍କ ଘର ବିଶାଖାପାଟଣାର ଅନନ୍ତଗିରି ଥାନା ଅନ୍ତର୍ଗତ ବାଲାଜୀ ନଗରରେ ବୋଲି ଜଣାଯାଇଛି । କୋରାପୁଟ ଜିଲାର ପାଡୁଆ ଅଞ୍ଚଳର ବାଇଲିଗୁଡାରୁ ଗଞ୍ଜେଇ ନେଇ ଆନ୍ଧ୍ରର ଏକ ଅଟୋ ଏପି ୩୯ଟିୟୁ –୧୪୪୮) ଯାଉଥିବା ଖବରପାଇ ଅବକାରୀ ପୋଲିସ ଚଢାଉ କରିଥିଲେ । ଅଟୋରୁ ୭୩କେଜି ଗଞ୍ଜେଇ ମିଳିଥିଲା। ଚଢାଉରେ ଅବକାରୀ ଇନ୍ସପେକ୍ଟର ଦିଲୀପ ରଥ, ଏସଆଇ ଖଗେଶ୍ୱର କୋଟା, ଆର. ଭେଙ୍କଟ କୁମାର ତ୍ରିଲୋଚନ ରାଇଚେଟି, ରାମଚନ୍ଦ୍ର ଗୌଡ଼, ପ୍ରସନ୍ନ ଗରଡାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ଜିଲା ପ୍ରଶାସନ ପକ୍ଷରୁ କୋଟିଆରେ ସ୍ୱତନ୍ତ୍ର ଗ୍ରାମସଭା



ପ୍ରଶାସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଗ୍ରାମସଭା ।

**କୋରାପୁଟ,୨।୧୦(ସ୍ୱ.ପ୍ର.)**

ଗାନ୍ଧୀ ଜୟନ୍ତୀ ଅବସରରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତରେ ଶନିବାର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏଥିରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ କୋଟିଆର କିପରି ସମାଗ୍ରିକ ବିକାଶ ହୋଇପାରିବ ସେଥିନେଇ ଗ୍ରାମବାସୀଙ୍କ ମତ ଲୋଡିଥିଲେ। ଜିଲାପାଳ ଅବଦାଲ ଏମ. ଅଖତରଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗର ଅଧିକାରୀ, ପଟ୍ଟାଙ୍ଗୀ ଭାରପ୍ରାପ୍ତ ବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାୟ, କୋଟିଆ ନିର୍ବାହୀ ଅଧିକାରୀ ନବ କିଶୋର ହନ୍ତାଳ, କନିଷ୍ଠ ଯନ୍ତ୍ରୀ ଅଜୟ ତରାଇ, ଏପିଓ ସୌମେନ୍ଦ୍ର ନାୟକ, କୋଟିଆ ସରପଞ୍ଚ ପ୍ରମୁଖ ଗ୍ରାମସଭାରେ ଉପସ୍ଥିତ ଥିଲେ। ଜିଲାର ଜଳ ବିଭାଜିକା ପ୍ରକଳ୍ପ, ଆଇଟିଡିଏ, ସ୍ୱାସ୍ଥ୍ୟ, ଉଦ୍ୟାନ ବିଭାଗ, ଜଳ ଜୀବନ ମିଶନ ସମେତ ବିଭିନ୍ନ ବିଭାଗର ଆକ୍ସନ ପ୍ଲାନ ସମ୍ପର୍କରେ ଗ୍ରାମସଭାରେ ଆଲୋଚନା ହୋଇଥିଲା।

## ନିଜକୁ ଗୁଳିମାରି ଯବାନଙ୍କ ଆତ୍ମହତ୍ୟା

**ରାଇଘର, ୨।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଫୁଟାନଡ଼ା ସିଆର୍‌ପିଏଫ୍ କ୍ୟାମ୍ପର ଜଣେ ଯବାନ ଶନିବାର ରାତିରେ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତେଲେଙ୍ଗାନାର ଡି.ଗୋବର୍ଦ୍ଧନ। ଖବରପାଇ ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅତ୍ୟଧିକ ଋଣ କାରଣରୁ ସେ ମାନସିକ ଅଶାନ୍ତିରେ ରହୁଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ସେମିଳିଗୁଡା, ୨।୧୦(ସ୍ୱ.ପ୍ର)**

ଗାନ୍ଧୀ ଜୟନ୍ତୀ ଅବସରରେ ସେମିଳିଗୁଡାର ସଙ୍ଗମତ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ତହସିଲଦାର ରଞ୍ଜିତା ମେରୀ ନାୟକ ଶନିବାର ଉନ୍ମୋଚନ କରି ଗାନ୍ଧୀଙ୍କ ନୀତି ଆଦର୍ଶ ମାନି ଚାଲିବାକୁ ପରାମର୍ଶ ଦେଇଥିଲେ। ବିଡ଼ିଓ ସବ୍ୟସାଚୀ ବେହେରା, ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ଅନୁଷ୍ଠାନର ରାଜେନ୍ଦ୍ର ପାତ୍ର , ପ୍ରଦୀପ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ଅରବିନ୍ଦ ପାଠାଗାରରେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣ ସିଂ ଯୋଗଥିଲେ।

# ସ୍ମାର୍ଟ ହେଲ୍‌ଥ କାର୍ଡର ସୁଫଳ ପାଇଲେ ୩ ହିତାଧିକାରୀ

**ଏମ୍‌ଭି୭୯,୨।୧୦(ଡି.ଏନ.ଏ.)**

**ପାଇଲେ ମାଗଣା ଚିକିତ୍ସା ସୁବିଧା**

ମାଲକାନଗିରି ଜିଲାରୁ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡର ସୁଫଳ ମିଳିଛି। କାଲିମେଳା ବ୍ଲକ ନାଲାଗୁଣ୍ଟି ଓ ମାଲାଭରମ ପଞ୍ଚାୟତର ୨ଜଣ ହିତାଧିକାରୀ ଏହି କାର୍ଡଦ୍ୱାରା ସ୍ୱାସ୍ଥ୍ୟସେବା ପାଇ ସୁସ୍ଥ ହୋଇଛନ୍ତି। ନାଲାଗୁଣ୍ଟି ପଞ୍ଚାୟତ ଏମପିଭି–୩୬ ଗ୍ରାମର ସୁଦର୍ଶନ ସାନାଙ୍କ ସ୍ତ୍ରୀ ସାନ୍ତନା ସାନା ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡ ପାଇଥିଲେ। ସେ ଦୀର୍ଘ ଦିନ ଧରି ଏକ ଜଟିଳ ରୋଗରେ ପୀଡିତ ଥିଲେ। ରୋଗ ଦିନକୁ ଦିନ ତାଙ୍କ ଶରୀରରେ ବୃଦ୍ଧି ପାଇ ଯନ୍ତ୍ରଣା ଦେଉଥିଲା। ସେ ସେପ୍ଟେମ୍ବର ୧୧ ତାରିଖରେ ତାଙ୍କର ଏହି ରୋଗର ଚିକିତ୍ସା ପାଇଁ ନବରଙ୍ଗପୁର ଜିଲାର ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ। ଆପଣଙ୍କର ଯଦି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡ ଥିବ ତେବେ ଆପଣ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର କରିପାରିବେ ବୋଲି କହିଥିଲେ। ସେ କାର୍ଡର ହିତାଧିକାରୀ ହୋଇଥିବା ସୁଦର୍ଶନଙ୍କ ସ୍ତ୍ରୀ ସାନ୍ତାନା କହିବାରୁ ତାଙ୍କର ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ହୋଇଥିଲା। ଏବେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ଆଉ ଜଣେ ହିତାଧିକାରୀ ହେଲେ ଏମ୍‌ଭି–୮୩ ମାଲାଭରମ୍ ପଞ୍ଚାୟତର ଗୌତମ ଦାସଙ୍କ ସ୍ତ୍ରୀ ପ୍ରଭା ଦାସ। ସେ କୋଲେସିଷ୍ଟେକ୍ଟୋମି ରୋଗର ଶିକାର ହୋଇ ବିଭିନ୍ନ ମେଡିକାଲର ଔଷଧ ଖାଉଥିଲେ। ରୋଗ ଭଲ ନ ହେବାରୁ ସେ ମଧ ନବରଙ୍ଗପୁର ଖ୍ରୀଷ୍ଟିୟାନ ହସ୍ପିଟାଲ ନବରଙ୍ଗପୁର ଯାଇ ନିଜର ପରୀକ୍ଷା କରିଥିଲେ। ସେ ଏହି ସ୍ମାର୍ଟକାର୍ଡ ମାଧ୍ୟମରେ ମାଗଣା ଚିକିତ୍ସା ସୁବିଧା ପାଇ ସୁସ୍ଥ ହୋଇ ଫେରିଛନ୍ତି। ସେହିପରି ଏମଭି ୯୦ ଗ୍ରାମର ସୁଭାସ ଚନ୍ଦ୍ର ମଜୁମଦାରଙ୍କ ସ୍ତ୍ରୀ ବିଜଳିରାଣୀ ମଜୁମଦାର ମଧ ଏହି ରୋଗରେ ପୀଡିତ ଥିଲେ। ଦିନକୁଦିନ ତାଙ୍କ ଶରୀର ବୃଦ୍ଧିପାଇ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ସେ ଏହି ସ୍ୱାସ୍ଥ୍ୟକାର୍ଡ ଦ୍ୱାରା ନବରଙ୍ଗପୁର ମେଡିକାଲରୁ ମାଗଣାରେ ସ୍ୱାସ୍ଥ୍ୟ ସେବା ପାଇପାରିଛନ୍ତି।



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡ ଦ୍ୱାରା ମାଗାଣାରେ ଚିକିତ୍ସିତ ହୋଇ ଫେରିଥିବା ମାଲାଭରମ୍ ପଞ୍ଚାୟତର ଗୌତମ ଦାସଙ୍କ ସ୍ତ୍ରୀ ପ୍ରଭା ଦାସ।

